# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 8/2024 | Page 20 | ₹ 7.00

୫୦ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 105 | ମୂଲ୍ୟ₹୭/-



DSPL - 803

NUA Odisha

# Transforming Higher Technical Education in Odisha



BPUT VSSUT OUTR

## Odisha is poised for a paradigm shift with ground-breaking initiatives

- VSSUT undergoes for a complete transformation spending **Rs. 2000 crores** for redefining standards in multidisciplinary education and research.
- Odisha University of Technology and Research (OUTR) endures **Rs. 1500 crores** for innovation, research, upskilling, and enhancing employability.
- Centres of Excellence to flourish in Technical Universities and Engineering Colleges, nurturing talent, and catalyzing innovation.
- Introduction of a Common Curriculum Structure and Synchronized Academic Calendar ensures coherence and quality across institutions.
- Collaborations with IIT Delhi, and Industry Leaders such as NASSCOM, Coursera, CISCO, IBM, Microsoft, etc. providing Digital Skilling, enhancing students employability.



OIPR-44011/13/0038/2324

*Investing in Knowledge, Building a better Tomorrow*

**Skill Development and Technical Education Department, Government of Odisha**

## ସଂକ୍ଷେପରେ

### ଚିଲିକାରେ ଫସିଲା ଡଙ୍ଗା, ୬ ଯାତ୍ରୀ ଉଦ୍ଧାର

ବାଲୁଗାଁ, ୭।୩(ସଂଗ୍ରାମ ପାଇକରାୟ)

ଗୁରୁବାର ସକାଳେ ମା' କାଳିଜାଈଙ୍କ ଦର୍ଶନ ନିମନ୍ତେ ୬ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଚିଲିକାରେ ଫସିଯାଇଥିଲା। ଡଙ୍ଗା ମେଶିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ଗଞ୍ଜାମ ଅଞ୍ଚଳର ୬ ଯାତ୍ରୀଙ୍କୁ ନେଇ ବାଲୁଗାଁ ଚିଲିକା କୂଳ ଜେଟିରୁ ଏକ ଘରୋଇ ଯାତ୍ରୀବାହୀ ଡଙ୍ଗା ସକାଳ ୮ଟାରେ କାଳିଜାଈ ମନ୍ଦିର ଅଭିମୁଖେ ବାହାରିଥିଲା। କିଛି ଦୂର ଅତିକ୍ରମ ପରେ ହଠାତ୍ ଚିଲିକାରେ ଡଙ୍ଗାଟି ଅଚଳ ହୋଇପଡ଼ିଥିଲା। ଚାଳକ ଚେଷ୍ଟା କରିବା ସତ୍ତ୍ୱେ ବିଫଳ ହୋଇଥିଲେ। ଫଳରେ ଡଙ୍ଗାରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ବୋଟ୍ ଆସୋସିଏଶନ ପକ୍ଷରୁ ଏକ ଡଙ୍ଗା ଯାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ମା'କାଳିଜାଈଙ୍କ ଦର୍ଶନ କରାଇ ସୁରକ୍ଷିତଭାବେ ଛାଡ଼ିଥିବା ଆସୋସିଏଶନ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି।

### କୂଅରେ ପଡ଼ି ସଂସ୍କୃତିପ୍ରେମୀ କେଶବ ଚନ୍ଦ୍ରଙ୍କ ମୃତ୍ୟୁ

ବୋଲଗଡ଼,୭।୩ (ଦେବବ୍ରତ ହୋତା)

କୂଅରେ ପଡ଼ିଯିବାରୁ ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମର ସଂସ୍କୃତିପ୍ରେମୀ କେଶବ ଚନ୍ଦ୍ର ରାଉତରାୟ (୭୦)ଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ସେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଗୁରୁବାର ସକାଳେ ରାସ୍ତା ପାର୍ଶ୍ୱରେ ଥିବା ଏକ କୂଅରେ ତାଙ୍କ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ କୂଅ ଭିତରୁ ତାଙ୍କୁ ଉଦ୍ଧାର କରାଯାଇ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

### ବ୍ଲକସ୍ତରୀୟ ବିଜେଡି କର୍ମୀ ବୈଠକ

ବୋଲଗଡ଼,୭।୩ (ଦେବବ୍ରତ ହୋତା)

ବଡ଼କୁମାରୀ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଗୁରୁବାର ବିଜେଡିର ବ୍ଲକସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ସଭାପତି ବାନାମ୍ବର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ଦଳୀୟ ବିଜେଡି ସମର୍ଥିତ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ପ୍ରତିନିଧି ଏବଂ କେତେଜଣ ଛାମୁଆ କର୍ମୀ ଯୋଗଦେଇଥିଲେ। ଏଥିରେ ସାଧାରଣ ନିର୍ବାଚନ ପାଇଁ ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳରେ ବିଜେଡି ଦଳକୁ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ଏଥିପାଇଁ ପ୍ରତି ପଞ୍ଚାୟତ ଅଞ୍ଚଳରୁ ସମସ୍ତ ବିଜେଡି କର୍ମୀଙ୍କୁ ନେଇ ଏକ ସାଂଗଠନିକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛ। ବୈଠକରେ ପ୍ରଫୁଲ୍ଲ ପ୍ରଧାନ, ପ୍ରଦୀପ୍ତ କିଶୋର ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦ୍ର ସାହୁ, ଗୋପାଳ ବେହେରା, ଅଶ୍ୱିନୀ ପଟ୍ଟନାୟକ, ରଞ୍ଜନ ଲେଙ୍କା, ଦିଲୀପ ମହାପାତ୍ର, ନଳିନୀ ବଡ଼ଜେନା, ଦିଲୀପ ଦତ୍ତ, ଅର୍ଜୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାତି ୧୧ରେ ଉଠିବ ମହାଦୀପ

## ଧବଳେଶ୍ୱର, ହଟ୍ଟକେଶ୍ୱରଙ୍କ ପୀଠ

ଖୋର୍ଦ୍ଧା,୭।୩ (ପ୍ରଭାତ ପାଣିଗ୍ରାହୀ)

ମହାଶିବରାତ୍ରି ଉପଲକ୍ଷେ ଖୋର୍ଦ୍ଧା ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଗୁରୁଜଙ୍ଗ ଧବଳେଶ୍ୱର ସମେତ ଅତ୍ରିର ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱର, ଗୋଡ଼ା ଲୋକନାଥ, ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ନବୀନାବାଗର ସ୍ୱପ୍ନେଶ୍ୱର, ସାମନ୍ତରାପୁର ସିଦ୍ଧେଶ୍ୱର, ଭାଲିଆବାଡ଼ିର ଲୋକେଶ୍ୱରଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ଗଡ଼ଖୋର୍ଦ୍ଧାସ୍ଥିତ ମହାଦେବ, ନିଜିଗଡ ଟାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଡାର ଶାଳେଶ୍ୱର, ହରିପୁରଶାସନସ୍ଥିତ ଶ୍ରୀ ପଶ୍ଚିମାଶମ୍ଭୁ ଆଦି ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଶୈବ ପୀଠଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

ଧବଳେଶ୍ୱରଙ୍କ ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ମଧ୍ୟାହ୍ନରେ ଶଙ୍ଖୁଡି ଭୋଗ ପରେ କିଛିସମୟ ପହୁଡ଼ ପରେ ପୁନଃ ଦର୍ଶନ ଜାରିରହିବ। ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅତ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ଦର୍ଶନ ଆରମ୍ଭ ହେବ। ୧୨ଟାରେ ଶଙ୍ଖୁଡି ଭୋଗ ପରେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ପହୁଡ଼ ପଡିବ। ପୁଣି ଅପରାହ୍ନ ୩ଟାରୁ ଦର୍ଶନ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲବ। ରାତି ୧୦ଟାରେ ଅତ୍ରି ସ୍ଥିତ ପତିତପାବନ ଓ ହଟ୍ଟକେଶ୍ୱରଙ୍କ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିବ ବୋଲି ବରିଷ୍ଠ ସେବାୟତ ଦିଲୀପ ପଣ୍ଡା ସୂଚନା ଦେଇଛନ୍ତି।

## ଚକ୍‌ଖଡ଼ିରେ ଶିବଙ୍କ ପ୍ରତିମୂର୍ତ୍ତି

ଖୋର୍ଦ୍ଧା,୭।୩ (ପ୍ରଭାତ ପାଣିଗ୍ରାହୀ)



ଚକ୍‌ଖଡିରେ ଶିବଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ମହାଶିବରାତ୍ରିର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ସୂକ୍ଷ୍ମ କାରୁକାର୍ଯ୍ୟ ଶିଳ୍ପୀ ଏଲ୍.ଈଶ୍ୱର ରାଓ। ଜଟଣୀ ହାଟବଜାର ଗୋପୀନାଥପୁରର ଈଶ୍ୱର ଅଧ ଇଞ୍ଚ ଶିବଲିଙ୍ଗ ଏବଂ ୧ ସେମିର ବୃଷଭ ପ୍ରତିମୂର୍ତ୍ତି କରିଛନ୍ତି। ଏଥିଲାଗି ତାଙ୍କୁ ୨ଦିନ ସମୟ ଲାଗିଥିବା ସେ କହିଛନ୍ତି। ଏହା ମାଧ୍ୟମରେ ସେ ଜନସାଧାରଣଙ୍କୁ ମହାଶିବରାତ୍ରିର ଶୁଭକାମନା ଜଣାଇବା ସହ ସମସ୍ତଙ୍କ ସୁଖସମୃଦ୍ଧି, ସକଳ ମନସ୍କାମନା ପୂର୍ଣ୍ଣ ପାଇଁ ମହାଦେବଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।



ଜଟଣୀ ହରିଭାଇନା ଛକ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଗୁରୁବାର ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ଅନ୍ତର୍ଜାତୀୟ ମହିଳା ଦିବସ

ଜଟଣୀ,୭।୩ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଟ୍ରାଫିକ କଲୋନିସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ ଅତିଥିଭାବେ ଯୋଗଦେଇ ମହିଳା କର୍ମଚାରୀମାନେ ରେଳମଣ୍ଡଳର ଗର୍ବ ବୋଲି କହିଥିଲେ। ରେଳମଣ୍ଡଳର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୨୨ଜଣ ମହିଳା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହିଳା କର୍ମଚାରୀଙ୍କ ପାଇଁ ଆୟୋଜିତ ପ୍ରବନ୍ଧ ଏବଂ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଲୱେ କର୍ମଚାରୀଙ୍କ ପରିବାର ସଦସ୍ୟ ଏବଂ ଭାରତ ସ୍କାଉଟ୍ସ ଏବଂ ଗାଇଡର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଖୋର୍ଦ୍ଧାରୋଡ୍ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍.ଏ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧାରୋଡ ରେଳମଣ୍ଡଳ ଶ୍ରମିକ କଂଗ୍ରେସର ମହିଳା ସଙ୍ଗଠନର ସଭାନେତ୍ରୀ ରୁନି ବେହେରାଙ୍କ ନେତୃତ୍ୱରେ କେତେଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ନୂତନ



@ କାଜଲ



@ ରାଜେଶ



@ ରଘୁବୀର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜେଲରୁ ବ୍ରାଉନ୍‌ସୁଗାର କାରବାର ଡିଲ୍ ଘଟଣା

# ଜେଲକୁ ଫେରିଲେ ୪ ଅଭିଯୁକ୍ତ

ଖୋର୍ଦ୍ଧା, ୭।୩ (ପ୍ରଭାତ ପାଣିଗ୍ରାହୀ)

### ୬ ଜଣଙ୍କୁ ଉଠାଇନେଲା ପୋଲିସ

ଗୁରୁଜଙ୍ଗ ମେଲଣ ପଡିଆରୁ ବିପୁଳ ପରିମାଣ ବ୍ରାଉନ୍‌ସୁଗାର ଜବତ ଏବଂ ଜେଲ ଭିତରୁ ବ୍ରାଉନ୍‌ସୁଗାର କାରବାର ଡିଲ୍ ଘଟଣାରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ସଞ୍ଜୟ ପ୍ରଧାନ, ମନୋରଞ୍ଜନ ସାହୁଙ୍କ ସମେତ ଲକ୍ଷ୍ମୀଧର ସାହୁ ଓ ଏସ୍.କେ ଜାଫରଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇଥିଲା। ଗୁରୁବାର ରିମାଣ୍ଡ ସରିବା ପରେ ପୂର୍ବାହ୍ନରେ ଏସ୍‌ଡିଜେଏମଙ୍କ କୋର୍ଟରେ ହାଜର ପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏମାନଙ୍କୁ ପୁଣି ଥରେ ପୋଲିସ ରିମାଣ୍ଡରେ ନେବ ବୋଲି ଜଣାପଡିଛି। ଜେରାବେଳେ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପୋଲିସ ଉପରୋକ୍ତ ଅଭିଯୁକ୍ତମାନଙ୍କଠାରୁ ତଥ୍ୟ ହାସଲ କରିଥିବା ବେଳେ ପୋଲିସ ସ୍କାନରରେ ଏକାଧିକ ବ୍ରାଉନସୁଗାର ବେପାରୀ ଆସିଥିବା ଜଣାପଡିଛି। ମିଳିଥିବା ତଥ୍ୟ ଆଧାରରେ ପୋଲିସ ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରୁ ୬ଜଣ ବେପାରୀଙ୍କୁ ଉଠାଇ ନେଇଥିବା ଜଣାପଡିଛି। ବ୍ରାଉନସୁଗାର କିପରି ଖୋର୍ଦ୍ଧାକୁ ଆସୁଛି, ବାହାରୁ କିଏ ସହଯୋଗ କରୁଛି, ଏହାର ପଛର ମାଷ୍ଟରମାଇଣ୍ଡ କିଏ, ପୋଲିସ ତାହାର ଖୋଳତାଡ଼ ଆରମ୍ଭ କରିଥିବା ବେଳେ ଖୁବଶୀଘ୍ର ଏବ ବଡ଼ ରାକେଟର ପୋଲିସ ପର୍ଦ୍ଦାଫାଶ କରିବ ବୋଲି ବିଶେଷସୂତ୍ରରୁ ଜଣାପଡିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବ ବୋଲି ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେବାକୁ ମନା କରିଛନ୍ତି।

## ମଦ ଜବତ, ୨ ଗିରଫ

ବେଗୁନିଆ,୭।୩ (ହର ପ୍ରସନ୍ନ ପଣ୍ଡା)

ବେଆଇନ ମଦ ବିକ୍ରି ଅଭିଯୋଗରେ ବେଗୁନିଆ ଅବକାରୀ ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଁପୁର ଗ୍ରାମର ଦୀନବନ୍ଧୁ ବେହେରା ଓ କଟକ ଜିଲା ପଶାଣିଆ ଗ୍ରାମର ଶିବ ପ୍ରସାଦ ପ୍ରଧାନ। ଏମାନଙ୍କ ନିକଟରୁ ୨୮ଲିଟର ୮୦୦ମି.ଲି. ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓଙ୍କ ସୂଚନା ଅନୁସାରେ, ଦୀନବନ୍ଧୁ ବେଆଇନଭାବେ ମଦ ବିକ୍ରି କରୁଥିବା ବେଳେ ତାଙ୍କ ନିକଟରୁ ୧୮ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ସେହିପରି ଶିବ ପ୍ରସାଦ କୋଦୁଅବେରେଣୀ ଗ୍ରାମସ୍ଥିତ ଏକ ଢାବା ନିକଟରେ ମଦ ବିକ୍ରି କରୁଥିବା ବେଳେ ତାଙ୍କ ନିକଟରୁ ୧୦ ଲିଟର ୮୦୦ ମିଲି ବିଦେଶୀ ମଦ ଜବତ କରାଯାଇଛି।

# ସହରରେ ସିଆର୍‌ପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ

ଜଟଣୀ,୭।୩ (ରବୀନ୍ଦ୍ରନାଥ ମହାକୁଡ଼)

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆର୍‌ପିଏଫ୍) ଯବାନମାନେ ଖୋର୍ଦ୍ଧା ଜିଲା ଜଟଣୀରେ ପହଞ୍ଚିଛନ୍ତି। ଜଟଣୀ ପୋଲିସ ସହିତ ମିଳିତଭାବେ ସିଆର୍‌ପିଏଫ୍ ଯବାନମାନେ ଗୁରୁବାର ସହରରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ସହରର ବାଲିଛକ ମୁଣ୍ଡିଆ ସାହି, ଜଟଣୀ ମୁଖ୍ୟ ମାର୍ଗ, ପୌରାଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ସହିତ ବ୍ଲକ ଅଧୀନ ବେଣାପଞ୍ଜରୀ ଏବଂ ତରାବୋଇ ଆଦି ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା।



ଜଟଣୀ ସହରରେ ପୋଲିସ ଓ ସିଆରପିଏଫ୍ ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି।

# ରାଷ୍ଟ୍ରର ବିକାଶରେ ବିପ୍ଳବ ସୃଷ୍ଟି କରିଛି ବିଜ୍ଞାନ

ବେଗୁନିଆ, ୭।୩ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମୋ ସ୍କୁଲ ଅଭିଯାନ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍ ଲତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଲୁମ୍‌ନି କମିଟିର ସଭାପତି ଡ.ହରି ପ୍ରସାଦ ଦାସ, ସମ୍ପାଦକ ଦେବାଶିଷ ସାହୁ, ରାମ ମାନସ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଥିଲା। ପରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ସନ୍ଦର୍ଭ ଆଲୋକପାତ କରାଯାଇଥିଲା। ଆଧୁନିକ ଯୁଗରେ ବିପ୍ଳବ ସୃଷ୍ଟି କରିଛି ବିଜ୍ଞାନ। ବିଜ୍ଞାନ ଯୋଗୁ ଭାରତ ଭଳି ରାଷ୍ଟ୍ରର ବିକାଶ ହୋଇଛି। ଅସମ୍ଭବକୁ ସମ୍ଭବ କରିବାରେ ସକ୍ଷମ ହୋଇପାରିଛି ବିଜ୍ଞାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଓ ଶୁଭଲକ୍ଷ୍ମୀ ସାହୁ ବିଜ୍ଞାନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବାବି ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଶିବ ଜୟନ୍ତୀ ମହୋତ୍ସବ

ଟାଙ୍ଗୀ/ନିରାକାରପୁର,୭।୩ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଶିବ ଜୟନ୍ତୀ ଅବସରରେ ଶିବ ସନ୍ଦେଶ ରଥ ପରିକ୍ରମା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବୋଡ଼ଙ୍ଗରାପାଟଣା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବରଦାନୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବି.କେ. ଅଭିମନ୍ୟୁ ସଭାପତିତ୍ୱ କରିଥିବା ବେଳେ ବି.କେ. ସଚିନ ବଳିୟାରସିଂହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପ୍ରତିଭା ମହାରଥୀ, ମୁଖ୍ୟ ବକ୍ତା ଓମ୍ ନିବାସ ଭୁବନେଶ୍ୱରର ମୁଖ୍ୟ ସଞ୍ଚାଳକ ବି.କେ ଗୀତ ଦିଦିଜୀ, ସମ୍ମାନିତ ଅତିଥି ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଅର୍ଜୁନ ଭାଇ, ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ, ଅଲେଖ ଭାଇ ଓ ସଙ୍ଗୀତା ଭଉଣୀ, ଯାଜ୍ଞସୀନ ଭଉଣୀ, ପ୍ରତିମା ଭଉଣୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମସ୍ତେ ପରମାତ୍ମା ଜ୍ଞାନକୁ ପାଇବା ଆବଶ୍ୟକ। ପରମେଶ୍ୱର ପରମ ଆତ୍ମା ସମସ୍ତଙ୍କର ପିତା ବୋଲି ମତପ୍ରକାଶ ପାଇଥିଲା। ପ୍ରକାଶ ଯେ, ଶିବ ସନ୍ଦେଶ ସହ ଘରେ ଘରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୩ ତାରିଖରୁ ଶିବ ସନ୍ଦେଶ ରଥ ହରିପୁରଠାରୁ ବାହାରି ଉଜଳା ଗୋପୀନାଥପୁର, ଉଦୟଗିରି, ବଡ଼ପାରୀ, ଝରିଆ ଓ ଗମ୍ଭାରୀମୁଣ୍ଡା, କୁହୁଡି, ରତନପୁର ପ୍ରମୁଖ ଗ୍ରାମରେ ପରିକ୍ରମା କରିଥିଲା।




## ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ବୋଲଗଡ଼,୭।୩(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ନାରାୟଣୀପଡ଼ା ସ୍କୁଲ ପଡିଆରେ ଚାଲିଥିବା ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଓ ତିଗିରିଆ ଫୁଟ୍‌ବଲ କ୍ଲବ ଆଠଗଡ଼ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ଗୋଟିଏ ଲେଖାଏ ପରସ୍ପରକୁ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କଳିଙ୍ଗ ସ୍ପୋର୍ଟିଂ ଟିମ୍ ଆଉ ଦୁଇଟି ଗୋଲ ଦେଇଥିବା ବେଳେ ତିଗିରିଆ କ୍ଲବ ଗୋଲ ଦେଇପାରି ନ ଥିଲା। ଫଳରେ ୩-୧ ଗୋଲରେ କଳିଙ୍ଗ ସ୍ପୋର୍ଟିଂ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପ୍ରାରମ୍ଭରେ ଅତିଥିଭାବେ କୁନ୍ତଳା ଦେବୀ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷ ସୁଶାନ୍ତ କୁମାର ବିଶ୍ୱାଳ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ବେଗୁନିଆ ବ୍ଲକ ଦେଉଳି ସରପଞ୍ଚ ଅକ୍ଷୟ ରାଉତରାୟ ପ୍ରମୁଖ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରି ଭାବେ ଅବିନାଶ ପଟ୍ଟନାୟକ ଏବଂ ଅଫିସିଆଲ ରେଫରି ଭାବେ ମହମ୍ମଦ ଇସାକ ମ୍ୟାଚ ପରିଚାଳନା କରିଥିଲେ। ଭିକାରି ଦାସ ଓ ରାଜା ଖାଁ ଲାଇନ୍ସମ୍ୟାନ ଭାବେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ବିଦ୍ୟାଧର ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ବାଙ୍କୀ ଓ ନୟାଗଡ ଟିମ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

# ମଞ୍ଚେଶ୍ୱର ଫାଇନାଲରେ

ଖୋର୍ଦ୍ଧା,୭।୩ (ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳପଡ଼ିଆରେ ଚାଲିଥିବା କଳିଙ୍ଗ କ୍ରିକେଟ କପ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ କଳିଙ୍ଗ ଟାଇଗର ଖୋର୍ଦ୍ଧା ଓ ମଞ୍ଚେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କଳିଙ୍ଗ ଟାଇଗର ଖୋର୍ଦ୍ଧା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ବିନିମୟରେ ୮୦ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଟିମ୍ ୯.୩ ଓଭରରେ ୨ୱିକେଟ ବିନିମୟରେ ୮୧ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିବା ମଞ୍ଚେଶ୍ୱର ଟିମର ସୂର୍ଯ୍ୟକାନ୍ତ ବଡ଼ଜେନା ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ କୁମାର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅଭିନାଶ ପ୍ରସାଦ ବେହେରା, ସଞ୍ଜୀବ ପାଇକରାୟ, ସୁନୀଲ କୁମାର ରାଉତରାୟ, ଶ୍ରୀକାନ୍ତ କୁମାର ସାହୁ, ପ୍ରଶାନ୍ତ ବେହେରା, ରାଜେନ୍ଦ୍ର ବେହେରା, ଜୟଦୀପ ପଟ୍ଟନାୟକ ଏବଂ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପାନବରଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କୁମାରବସ୍ତ ଓ ଅତ୍ରି ଟିମ୍ ମଧ୍ୟରେ ହେବ ବୋଲି ସଭାପତି ସୁନୀଲ ରାଉତରାୟ ସୂଚନା ଦେଇଛନ୍ତି।

**ମହାପ୍ରଭୁଙ୍କ ଦର୍ଶନ କଲେ ୫-ଟି ଅଧ୍ୟକ୍ଷ**

ପୁରୀ(ଅଜିତ୍ ମହାନ୍ତି): ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପାଣ୍ଡିଆନ ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରି ଆଶିଷ ଲଭିଥିଲେ। ପରେ ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରିବା ପରେ ଫେରିଆସିଥିଲେ।



# ଆଜି ଜାଗର: ଚଳଚଞ୍ଚଳ ଏକାମ୍ରକ୍ଷେତ୍ର

ଭୁବନେଶ୍ୱର,୭।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଜାଗର ଯାତ୍ରା ପାଇଁ ଚଳଚଞ୍ଚଳ ରାଜଧାନୀର ସମସ୍ତ ଶୈବପୀଠ। ଶିବଙ୍କ ମନ୍ତ୍ରଧ୍ୱନିରେ ଶୁକ୍ରବାର ଏକାମ୍ରକ୍ଷେତ୍ର କମ୍ପି ଉଠିବ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠୁ ନେଇ କପିଳେଶ୍ୱର, ମେଘେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ, ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର ଭଳି ଅନେକ ଶୈବପୀଠରେ ଶିବଙ୍କ ଆରାଧାନରେ ମଗ୍ନ ହେବେ ଭକ୍ତ। ପ୍ରଭୁ ଶିବଙ୍କ ପ୍ରତି ଥିବା ଅଖଣ୍ଡ ବିଶ୍ୱାସକୁ ଉପବାସ, ଭକ୍ତି, ଆରାଧନାର ସହ ଭକ୍ତମାନେ ପାଳନ କରିବେ। ମହାମୃତ୍ୟୁଞ୍ଜୟ ମନ୍ତ୍ର ସହ ଶିବଙ୍କ ମନ୍ତ୍ର ଓ ଭଜନରେ ଗୁଣୁଗୁଣୁ ହେବେ । ଏଥର ପ୍ରାୟ ସବୁଠି ରାତି ୯ଟାରୁ ନେଇ ୧୦ଟା ୩୦ ମଧ୍ୟରେ ମହାଦୀପ ଉଠିବ। ସମସ୍ତ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

### ଭାସ୍କରେଶ୍ୱର ମନ୍ଦିର: ୧୦ଟା ୧୫ରେ ଉଠିବ ମହାଦୀପ

ଭାସ୍କରେଶ୍ୱର ମନ୍ଦିରରେ ୧୦ଟା ୧୫ରେ ମହାଦୀପ ଉଠିବ। ଭୋର ୩ଟା ୩୦ରେ ମଙ୍ଗଳ ଆଳତି, ସକାଳ ୭ଟାରେ କର୍ପୁର ଆଳତି ଏବଂ ଅପରାହ୍ନ ୧ଟା ୩୦ରେ ରୁଦ୍ରାଭିଷେକ କରାଯିବ। ସନ୍ଧ୍ୟା ୬ଟା ୩୦ରେ ଭଜନ ସମାରୋହ ହେବ। ରାତି ୧୦ଟା ୩୦ରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

### ବ୍ରହ୍ମେଶ୍ୱରରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା

ଭୋର ୪ଟା ସୁଦ୍ଧା ବେଶ ନୀତି ସମ୍ପନ୍ନ ହେବ। ଭୋର ୪ରୁ ୬ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ନିମନ୍ତେ ଅନୁମତି ଦିଆଯିବ। ସେହିପରି ଅପରାହ୍ନ ୩ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ଶ୍ରଦ୍ଧାଳୁଙ୍କ ନିମନ୍ତେ ଉପଲବ୍ଧ ହେବ। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବେଦ ପାଠ କରାଯିବ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଛି। ଏଥିରେ ମୁମ୍ବାଇର ଅନନ୍ତ ଭରଦ୍ୱାଜଙ୍କ ସହିତ ଶୈଳଭାମା, ଆଦର୍ଶ, ଉର୍ମି, ତୃପ୍ତି ନାୟକ, ସତ୍ୟବ୍ରତ ମଲ୍ଲିକ ପ୍ରମୁଖ ବହୁ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିବେ। ୧୦ଟା ୩୦ରେ ମହାଦୀପ ଉଠିବ। ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି।

### କପିଳେଶ୍ୱରରେ ୯ଟା ୫୬, ଭୀମେଶ୍ୱରରେ ୧୦ଟା ୩୦ରେ ଉଠିବ ମହାଦୀପ

କପିଳେଶ୍ୱର ମନ୍ଦିରରେ ୯ଟା ୫୬ରେ ମହାଦୀପ ଉଠିବ। ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସରି ପରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ଭୀମେଶ୍ୱର ମନ୍ଦିରରେ ରାତି ୧୦ଟା ୩୦ରେ ମହାଦୀପ ଉଠିବ। ପ୍ରାତଃ ୫ଘଟିକାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ସୁବିଧା କରାଯାଇଛି। ମହାଦୀପ ଉଠିବା ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।



ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଡିସିପି ପ୍ରତୀକ ସିଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

## ସଜେଇ ହୋଇଛି ଶ୍ରୀଲିଙ୍ଗରାଜ ମନ୍ଦିର





ପୁରୁଣା ଭୁବନେଶ୍ୱର,୭।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଶୁକ୍ରବାର ମହାଶିବରାତ୍ରି ତଥା ଜାଗରଯାତ୍ରା। ଏଥିପାଇଁ ଉତ୍ସବ ମୁଖରିତ ହୋଇଉଠିଛି ଏକାମ୍ର କ୍ଷେତ୍ର। ଫୁଲ ଓ ଆଲୋକମାଳାରେ ଝଲସୁଛି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର। ମହାପ୍ରଭୁ ଓ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଅନ୍ୟପଟେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ଶୁକ୍ରବାର ପ୍ରାତଃ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ନୀତି ପରେ ସାହାଣ ମେଳା ଦର୍ଶନ ହେବ। ସିଂହଦ୍ୱାର ସମ୍ମୁଖରୁ ବ୍ୟାରିକେଟ ଦେଇ ଶ୍ରଦ୍ଧାଳୁ ଆଡ଼କାଠ ଠାରେ ଦର୍ଶନ କରି ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଭିଆଇପି, ଭିଭିଆଇପି, ପାସ୍‌ଧାରୀ ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବେ। ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା ନେଇ କମିଶନରେଟ ପୋଲିସ ପକ୍ଷରୁ ଆଲର୍ଟମେଣ୍ଟ ଜାରି ହୋଇଛି। କଳ୍ପନା ପଟୁ ଆସୁଥିବା ଯାନବାହନ ବଉଳଗଡ଼ ଛକ, ବିନ୍ଦୁସାଗର ଛକ ରାସ୍ତା ପାର୍ଶ୍ୱରେ ପାର୍କିଂ କରାଯିବ। କୌଣସି ଭାରିଯାନ ମନ୍ଦିର ରାସ୍ତାକୁ ପ୍ରବେଶ କରିବ ନାହିଁ। ସାମନ୍ତରାପୁର, ଗ୍ୟାରେଜ ଛକ ପଟୁ ଆସୁଥିବା ଯାନବାହନ ଇଲେକ୍ଟ୍ରି ଅଫିସ ନିକଟରେ ପାର୍କିଂ କରାଯିବ।

## ଜଗିବେ ୧୨ ପ୍ଲାଟୁନ ପୋଲିସ ଫୋର୍ସ

ଭୁବନେଶ୍ୱର,୭।୩
(ସୂର୍ଯ୍ୟକାନ୍ତ ବେହେରା)

ମହାଶିବରାତ୍ରୀରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶାନ୍ତିଶୃଙ୍ଖଳାରେ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଡିସିପି ପ୍ରତୀକ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ଜଣ ଅତିରିକ୍ତ ଡିସିପି, ୧୪ ଜଣ ଏସିପି, ୨୧ଜଣ ଇନ୍ସପେକ୍ଟର, ୮୪ ଜଣ ଏସ୍‌ଆଇ/ଏଏସ୍‌ଆଇ, ୪୫ ଜଣ ଏପିଆର୍ କନଷ୍ଟେବଲ, ୪୮ ଜଣ ଓଆର୍ ପୋଲିସ କର୍ମଚାରୀ, ୯୩ ସେକ୍ସନ ଫୋର୍ସ ସମେତ ୧୧୨ଜଣ ଗୃହରକ୍ଷୀ ବାହିନୀଙ୍କୁ ମୁତୟନ କରାଯାଇଛି। ସେହିପରି ଓଡ୍ରାଫ, ଅଗ୍ନିଶମ ବାହିନୀ ମଧ୍ୟ ଉପସ୍ଥିତ ରହିବେ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ସମସ୍ତ ଜାଗାରେ ସିସିଟିଭି ଲଗାଯାଇଥିବା ବେଳେ ସାଧା ପୋଷାକଧାରୀ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ସଜାଗ ରହିବେ। ଗୁରୁବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଡିସିପି ପ୍ରତୀକ ସିଂ ଘଟଣାସ୍ଥଳକୁ ଯାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ହୋଇଛି। ବିଏମ୍‌ସି ନିଓ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ନଂ-୧ରେ ବସ୍, କମ୍ପ୍ଲେକ୍ସର ଉତ୍ତରରେ ଥିବା ୨ନମ୍ବର ପାର୍କିଂରେ କାର ରଖିହେବ। ସେହିଭଳି ଅନନ୍ତ ବାସୁଦେବ ମନ୍ଦିର ପାଖରେ ହୋଇଥିବା ୩ ନମ୍ବର ପାର୍କିଂ ସ୍ଥଳରେ ୩ ଚକିଆ ଯାନ, ସାନିଟୋରିୟମ ଛକରେ ଥିବା ୪ ନମ୍ବର ପାର୍କିଂରେ ସମସ୍ତ ପ୍ରକାର ଯାନ ରଖିବାର ବ୍ୟବସ୍ଥା ହୋଇଛି। ସରକାରୀ ଗାଡ଼ିଗୁଡ଼ିକ ବିଏମ୍‌ସି ହସ୍ପିଟାଲର ଉତ୍ତର ଦିଗ, ପାପଣାସିନି ପୋଖରୀ ଏବଂ ଏସ୍‌ଏମ୍ ସ୍କୁଲର ଉତ୍ତର ଦିଗରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ କେଉଁ ଗାଡ଼ି କେଉଁ ରାସ୍ତା ଦେଇ ଚଳାଚଳ କରିବେ ସେ ନେଇ ମଧ୍ୟ କଟକଣା ଜାରି ସହ ବ୍ୟବସ୍ଥା ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୂତନ



@ କାଜଲ



@ ରାଜେଶ



@ ରଘୁବୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଇଡିବିଆଇ ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ଗିରଫ

**୩.୭୦ କୋଟି ମୁଦ୍ରାରଣ ଠକେଇ ମାମଲା**

ଭୁବନେଶ୍ୱର,୭।୩(ସତ୍ୟଜିତ୍ ରାଉତ)

୩କୋଟି ୭୦ଲକ୍ଷ ଟଙ୍କାର ମୁଦ୍ରାରଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପୁରୀ ଜିଲା ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ତନ୍ମୟ କୁମାର ମହାରଣାଙ୍କୁ ବୁଧବାର ଛତିଶଗଡ଼ ରାୟପୁରରୁ ଗିରଫ କରିଛି। ପରେ ତାଙ୍କୁ ରାୟପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତନ୍ମୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଥିବା ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ସରୋଜକାନ୍ତ ମହାପାତ୍ରଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି।

ଆଇଡିବିଆଇ ବ୍ୟାଙ୍କ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ସନ୍ଦୀପ ପଟ୍ଟନାୟକଙ୍କ ଏତଲାକୁ ଆଧାରକରି ଫେବୃଆରୀ ୨୯ରେ ଇଓଡବ୍ଲ୍ୟୁ ମାମଲା (ନଂ.୩/ ୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୮ରେ ଆସେଟ୍ ଅଫିସର ଥିବା ତନ୍ମୟ କୁମାର ମହାରଣା ଓ ସରୋଜକାନ୍ତ ମହାପାତ୍ର ଆପରାଧିକ ଷଡ଼ଯନ୍ତ୍ର କରି ଉକ୍ତ ଶାଖାରେ ଥିବା ପିପିଲି ବିଡିଓଙ୍କ ସରକାରୀ ଆକାଉଣ୍ଟରୁ ୩.୭୦ କୋଟି ଟଙ୍କାର ୩୫ଟି ମୁଦ୍ରା ଲୋନ୍ କରି ହଡ଼ପ କରିଥିଲେ ବୋଲି ଅଭିଯୋଗ ହୋଇଛି। ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉକ୍ତ ଶାଖାରେ ଥିବା ପିପିଲି ବିଡିଓଙ୍କ ଦୁଇ ବ୍ୟାଙ୍କ ଆକାଉଣ୍ଟରେ ୨୦୧୮ରେ ସରକାରଙ୍କ ପକ୍ଷରୁ ୩.୭୦ କୋଟି ଟଙ୍କା ଜମା କରାଯାଇଥିଲା। ବିଡିଓ ଏହି ଟଙ୍କାକୁ ଫେକ୍ସି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଏଫ୍‌ଡି) କରିଦେବାକୁ କହିଥିଲେ। ହେଲେ ଅଧିକାରୀ ଦ୍ୱୟ ଉକ୍ତ ଟଙ୍କାକୁ ତାଙ୍କ ସମ୍ପର୍କୀୟଙ୍କ ନାଁରେ ୧୦ ଲକ୍ଷ ଟଙ୍କା ଲେଖାଏ ୩୫ଟି ମୁଦ୍ରା ଲୋନ୍ କରି ନେଇଯାଇଥିଲେ। ୨୦୨୨ରେ ବିଡିଓ ଏହି ଏଫ୍‌ଏଫ୍‌ଡିର ତଥ୍ୟ ମାଗିଥିଲେ ବି ତାଙ୍କୁ ଦିଆଯାଇ ନ ଥିଲା। ପରେ ବ୍ୟାଙ୍କ ପକ୍ଷରୁ ତଦନ୍ତ କରାଯିବାରୁ ଦୁଇ ଅଧିକାରୀଙ୍କ ଠକେଇ ଷଡ଼ଯନ୍ତ୍ର ଜଣାପଡ଼ିଥିଲା। ପରେ ସରୋଜ ଓ ତନ୍ମୟଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁରୁବାର ଭୁବନେଶ୍ୱରସ୍ଥିତ ହୋଟେଲ ମେ ଫେୟାରରେ ଫିକି ପକ୍ଷରୁ ଆୟୋଜିତ ୪ର୍ଥ ଏଫ୍‌ଏଲ୍‌ଓ ଓଡ଼ିଶା ୱିମେନ୍ସ ଆୱାର୍ଡ୍ସ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଉଛି। (ଫଟୋ- ମୌସମ)

## ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୭।୩
(ସୂର୍ଯ୍ୟକାନ୍ତ ବେହେରା)

ଆସୁଛି ସାଧାରଣ ନିର୍ବାଚନ। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଅଧୀନରେ ଥିବା ସମସ୍ତ ନିର୍ବାବାଚନମଣ୍ଡଳୀରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନେଇ ଗୁରୁବାର ପୋଲିସ ସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରିଚାଳନା ସମୟରେ ଆଦର୍ଶ ଆଚରଣ ବିଧି ଲାଗୁହେବା ଓ କାର୍ଯ୍ୟକାରୀତା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଆଚରଣ ବିଧି ଲାଗୁ ହେବା ପରେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଦଳୀୟ ବିଜ୍ଞାପନ, ପୋଷ୍ଟର କିମ୍ବା ହୋର୍ଡିଂ ହଟାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ (ଏନଫୋର୍ସମେଣ୍ଟ) ଗଠନ କରାଯାଇଛି। ଆବଶ୍ୟକ ପଡ଼ିଲେ ଜିଲାପାଳଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ ହେବ ଏବଂ ବିଏମ୍‌ସି ପକ୍ଷରୁ ତାକୁ କାର୍ଯ୍ୟକାରୀ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ଶୋଭାଯାତ୍ରା, ପ୍ରଚାର ପ୍ରସାର କିଭଳି ହେବା ଦରକାର, ବୁଥ ସେଟିଂ କିଭଳି ହେବ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇ ଗାଇଡ୍ ଲାଇନକୁ ଠିକ ଭାବେ ପାଳନ କରାଯିବା ପାଇଁ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା।

ସୁରକ୍ଷାକୁ ନଜର ରଖାଯାଇ ଭୁବନେଶ୍ୱର ଏବଂ କଟକରେ ସ୍ୱତନ୍ତ୍ର କେନ୍ଦ୍ରୀୟ ବାହିନୀ ନିୟୋଜିତ କରାଯାଇଛି। ବୈଠକରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଅତିରିକ୍ତ ପୋଲିସ କମିଶନର ଅବିନାଶ କୁମାର, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ବିଏମ୍‌ସି କମିଶନର ରାଜେଶ ପାଟିଲ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଜୋନାଲ ଏସିପି ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ଆଗରେ କୁଷ୍ଠରୋଗୀଙ୍କ ଧାରଣା

ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)

ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳରେ କୁଷ୍ଠରୋଗୀମାନେ ଦୀର୍ଘବର୍ଷ ହେଲା ବାସ କରିଆସୁଛନ୍ତି। ରାଜ୍ୟ ସରକାର ଜାଗା ମିଶନ୍ ଜରିଆରେ ଭୂମିହୀନଙ୍କୁ ଭୂମି ପ୍ରମାଣପତ୍ର ପ୍ରଦାନ କରୁଥିବାବେଳେ ଏମାନଙ୍କୁ ବଞ୍ଚିତ କରାଯାଉଛି ବୋଲି ଇନ୍ଦିରା କୁଷ୍ଠସେବା ସଦନ ପକ୍ଷରୁ ଅଭଯୋଗ ହୋଇଛି। ଏ ନେଇ ଗୁରୁବାର ୪ଶହରୁ ଊର୍ଦ୍ଧ୍ୱ କୁଷ୍ଠରୋଗୀ ବିଏମ୍‌ସି ମୁଖ୍ୟାଳୟର ସମସ୍ତ ଫାଟକ ବନ୍ଦ କରି ତା' ଆଗରେ ଧାରଣା ଦେଇଥିଲେ। ଫଳରେ ଅପରାହ୍ନ ପ୍ରାୟ ୧ଟା ପର୍ଯ୍ୟନ୍ତ ବିଏମ୍‌ସି କାର୍ଯ୍ୟାଳୟରୁ କେହି ବାହାରି ପାରି ନ ଥିଲେ କି ଯାଇପାରି ନ ଥିଲେ। ବିଏମ୍‌ସି ଡେପୁଟି କମିଶନର ଓ ଖାରବେଳନଗର ଥାନା ଆଇଆଇସି ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଛିନ୍‌ତାଇ ମାମଲା: ୨ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏ ଜେଲ

ଭୁବନେଶ୍ୱର,୭।୩ (ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ୨୦୨୩ ନଭେମ୍ବର ୩୦ରେ ହୋଇଥିବା ଏକ ଛିନତାଇ ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ କୋର୍ଟ-୨ରେ ଗୁରୁବାର ପ୍ରକାଶ ପାଇଛି। ବିଚାରପତି ଗିରିଶ ମୁଦୁଲି ଏହି ମାମଲାର ବିଚାର କରି ଅଭିଯୁକ୍ତ କିଶାନ ପ୍ରଧାନ ଏବଂ ଦେବବ୍ରତ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ୭ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଦ୍ୱୟଙ୍କୁ ୧ ବର୍ଷ ଜେଲଦଣ୍ଡ ସହ ଏକ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଏକ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

## ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବ 'ରକ୍ଷକ'

- ଶୁଭାରମ୍ଭ ହେଲା ସ୍ୱତନ୍ତ୍ର ଗାଡ଼ି
- ୧୮ ବନଖଣ୍ଡରେ ନିୟୋଜିତ ହେବ

ଭୁବନେଶ୍ୱର, ୭।୩(ଅସମାପିକା ସାହୁ)

ବନ ବିଭାଗର ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ପାଇଁ ଗୁରୁବାର 'ରକ୍ଷକ' ଗାଡ଼ିର ଶୁଭାରମ୍ଭ ହୋଇଛି। ରାଜ୍ୟରେ ବନ୍ୟଜନ୍ତୁଙ୍କ ଉଦ୍ଧାରରେ ନିୟୋଜିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ଗାଡ଼ିକୁ ଭରତପୁର ଜଙ୍ଗଲ ସଫାରିଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ଦେବୀଦତ୍ତ ବିଶାଳ ଏବଂ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଶୁଭାରମ୍ଭ କରିଛନ୍ତି। ଏସବୁ ଗାଡ଼ି ରାଜ୍ୟର ୧୮ ବନଖଣ୍ଡରେ ନିୟୋଜିତ ହେବ। ରାଜ୍ୟର ଯେକୌଣସି ସ୍ଥାନରୁ ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ସୂତ୍ରପାତର ଖବର ଆସିବା ମାତ୍ରେ ଘଣ୍ଟେରୁ ଦେଢ଼ ଘଣ୍ଟା ମଧ୍ୟରେ ଏହି ରାପିଡ୍ ରେସ୍‌ପନ୍ସ ଟିମ୍ ପହଞ୍ଚିବ। ବନ୍ୟଜନ୍ତୁଙ୍କ ଉଦ୍ଧାର ପାଇଁ ଏସବୁ ଗାଡ଼ିରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏପରିକି ରାପିଡ୍ ରେସ୍‌ପନ୍ସ ଟିମ୍‌କୁ ବନ୍ୟଜନ୍ତୁଙ୍କ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି।

ଏନେଇ ସଚିବ ସାହୁ କହିଛନ୍ତି, ଆମ ରାଜ୍ୟରେ ଅନେକ ସ୍ଥାନରେ ମଣିଷ - ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ଅନେକ ସମୟରେ ଦେଖିବାକୁ ମିଳୁଛି। କେବଳ ଓଡ଼ିଶାରେ ନୁହେଁ, ଭାରତରେ ଅନେକ ରାଜ୍ୟରେ ଏଭଳି ସଂଘର୍ଷ ପରିଲକ୍ଷିତ ହେଉଛି। ଏନେଇ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହାରି ମଧ୍ୟରେ ଆର୍‌ଆର୍‌ଟି ସେଠାରେ ପହଞ୍ଚି ସମାଧାନ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏଥିସହ ପ୍ରତ୍ୟେକ ଡିଭିଜନକୁ ଆର୍‌ଆର୍‌ଟି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୧ଟି ଟିମ୍‌ଗାଡ଼ି ଶୁଭାରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ଆହୁରି ଅଧିକ ଦିଆଯିବ। ଉଭୟ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ହେଉଛି ଏହାର ମୂଳ ଲକ୍ଷ୍ୟ। ପ୍ରକୃତିରେ ଜନସାଧାରଣ ରୁହନ୍ତୁ, ଏଠାରେ ବନ୍ୟଜନ୍ତୁ ମଧ୍ୟ ରୁହନ୍ତୁ। ସନ୍ତୁଳିତ ଅବସ୍ଥାରେ ପ୍ରକୃତିର ବିକାଶ ହେଉ ବୋଲି ସଚିବ କହିଛନ୍ତି।

ସେହିପରି ପିସିସିଏଫ୍ (ବନ୍ୟପ୍ରାଣୀ) ନନ୍ଦ କହିଛନ୍ତି, ୧୮ଟି ଡିଭିଜନରେ ବନ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଇଛି। ଯଦି ଓଡ଼ିଶାର କୌଣସି ସ୍ଥାନରେ ମନୁଷ୍ୟ- ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ଘଟେ, ତେବେ ତୁରନ୍ତ ରାପିଡ ରେସ୍‌ପନ୍ସ ଟିମ୍ ପହଞ୍ଚିବେ। ଏହି ଟିମ୍‌କୁ ଗାଡ଼ି ଦିଆଯାଇଛି, ଯେଉଁଥିରେ ଅତ୍ୟାଧୁନିକ ଟେକ୍ନୋଲୋଜି ଲାଗିଛି। ଫଳରେ ଉଦ୍ଧାର କରିବା ପାଇଁ ସୁବିଧା ହୋଇପାରିବ। ଏହା ଜଙ୍ଗଲ ମଧ୍ୟରେ ହେଉ କିମ୍ବା ବାହାରେ, ସବୁଠି ଆର୍‌ଆର୍‌ଟି କାର୍ଯ୍ୟ କରିବ ବୋଲି ନନ୍ଦ ପ୍ରକାଶ କରିଛନ୍ତି।

## ଜାତୀୟ ପତାକାର କାହାଣୀ ବଖାଣିବ ଧ୍ୱଜାକ୍ଷେତ୍ର

**ଉନ୍ମୋଚନକଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଜନତା ମଇଦାନ ନିକଟ ମହାତ୍ମା ଗାନ୍ଧୀ ପାର୍କରେ ଜାତୀୟ ଧ୍ୱଜା କ୍ଷେତ୍ର (ନ୍ୟାଶନାଲ୍ ଫ୍ଲାଗ୍ ପ୍ଲାଜା) ଉନ୍ମୋଚିତ ହୋଇଯାଇଛି। ୫୬୦୦ ବର୍ଗମିଟର ପରିସୀମା ବ୍ୟାପି ଏହି ପ୍ଲାଜାକୁ ଜାତୀୟ ପତାକା ପ୍ରତି ଥିବା ସମ୍ମାନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ୧୦୦ ଫୁଟ ଉଚ୍ଚରେ ଥିବା ଏକ ମାଷ୍ଟ ଉପରେ ପତାକାକୁ ଅବସ୍ଥାପିତ କରାଯାଇଛି। ଏହି ପ୍ଲାଜା ଜାତୀୟ ପତାକାର ସୃଷ୍ଟି ଠାରୁ ଆରମ୍ଭ କରି ଏହାର ଐତିହାସିକ ସଂଘର୍ଷର ସ୍ମରଣକାରୀ ଗାଥା ବର୍ଣ୍ଣନା କରିବ। ଷ୍ଟେନଲେସ ଷ୍ଟିଲ ପ୍ଲେଟରେ ସଜ୍ଜିତ ବାଲୁକା ପଥର (ସ୍ୟାଣ୍ଡଷ୍ଟୋନ) ପ୍ୟାନେଲଗୁଡିକ ୧୯୦୭ ରୁ ୧୯୪୭ ପର୍ଯ୍ୟନ୍ତ ରହିଥିବା



ପତାକା ଗୁଡିକୁ ୟୁଭି-ମୁଦ୍ରିତ କରି ଏହାର ପ୍ରଦର୍ଶନ କରିବ। ପ୍ୟାନେଲ୍‌ରେ ସ୍ୱାଧୀନତା ଆନ୍ଦୋଳନର ଜାତୀୟ ତଥା ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚିତ୍ର ସ୍ଥାନ ପାଇବ। ସେହିପରି ଭାରତୀୟ ସମ୍ବିଧାନର ସ୍ୱୀକୃତିପ୍ରାପ୍ତ ୨୨ଟି ସରକାରୀ ଭାଷାରେ 'ଜୟ ହିନ୍ଦ' ଲେଖା ରହିବା ସହିତ ହିନ୍ଦୀ ଏବଂ ଓଡ଼ିଆ ବର୍ଣ୍ଣରେ ଜାତୀୟ ସଙ୍ଗୀତ ଏହି ପ୍ୟାନେଲର ଶୋଭାବର୍ଦ୍ଧନ କରିବ। ପ୍ଲାଜା ମଧ୍ୟରେ ଛୋଟପିଲାଙ୍କ ଖେଳପଡ଼ିଆ ଏବଂ ସମସ୍ତ ବୟସବର୍ଗର ବ୍ୟକ୍ତିଙ୍କୁ ମନୋରଞ୍ଜନ ସୁବିଧା ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା ରହିବ। ପାର୍କରେ ଥିବା ଆଖପାଖ ପରିବେଶକୁ ବାଧା ନ ଦେଇ ଏହି ସବୁ ସୁବିଧା ଜନ ସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ। ଏହି ପ୍ଲାଜାରେ ଦେଶାତ୍ମବୋଧକ ଗୀତ ବଜାଇବା ପାଇଁ ଅଡିଓ ସାଉଣ୍ଡ ସିଷ୍ଟମ ଏବଂ ଏକ ୱାଟର ଫାଉଣ୍ଟେନ ମଧ୍ୟ ରହିଛି। ନିକଟସ୍ଥ ଅନୁଷ୍ଠାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ବୃହତ ସମାବେଶକୁ ଦୃଷ୍ଟିରେ ରଖି ଏହି ପ୍ଲାଜାର ଡିଜାଇନ କରାଯାଇଛି। ଏହି ଫ୍ଲାଗ ପ୍ଲାଜାର ପରିକଳ୍ପନା ବିଏମ୍‌ସିରୁ ଆରମ୍ଭ ହୋଇଥିବାବେଳେ ଓଡ଼ିଶା ଖଣି ନିଗମ (ଓଏମସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ଅର୍ବାନ ନଲେଜ୍ ସେଣ୍ଟର (ବିୟୁକେସି)ର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଛି। ଫ୍ଲାଗ ପ୍ଲାଜାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ବିଡିଏ ଉପରେ ରହିବ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଡିଏ ଅଧ୍ୟକ୍ଷ ଜି. ମାଥିଭାଥାନନ୍, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ସମେତ ଓଏମ୍‌ସିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଖୁଣ୍ଟକୁ ଧକ୍କାଦେଲା ଟ୍ରକ୍: ବିଦ୍ୟୁତ୍ ସରବରାହ ବ୍ୟାହତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ମାଛଗାଁ କେନାଲ ମହୁରା ନିକଟରେ ଗୁରୁବାର ସକାଳେ ଏକ ଟ୍ରକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ତାର ଛିଣ୍ଡିଯିବା ଯୋଗୁ ୧୨ ଘଣ୍ଟା କାଳ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଖବରପାଇ କନ୍ଦରପୁର ବିଦ୍ୟୁତ୍ ସେକ୍ସନ୍‌ର କର୍ମଚାରୀ ପହଞ୍ଚି ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। କନ୍ଦରପୁର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌କୁ ଜବତ କରିଥିଲା।

# ଆଜି ମହାଶିବରାତ୍ରି: ଝଲସୁଛି ଶୈବପୀଠ



ମହାଶିବରାତ୍ରି ପାଇଁ କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

କଟକ,୭।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୁକ୍ରବାର ମହାଶିବରାତ୍ରି। ବିଭିନ୍ନ ଶୈବପୀଠରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ଏଥିପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିବାବେଳେ ଗୁରୁବାର ସୁଦ୍ଧା ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିରଗୁଡିକ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଛି। ବିଶେଷକରି କଟକ ଜିଲାର ଶୈବପୀଠଗୁଡିକରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। କେତେକ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। କଟକ ଯୋବ୍ରାଠାରେ ଥିବା ପାରେଶ୍ୱର ମହାଦେବ ମନ୍ଦିରରେ ରାତି ୨ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡିଛି। କଟକ ସହରର ଅମରେଶ୍ୱର ମନ୍ଦିରରେ ରାତି ୪ଟାରୁ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି ଓ ମଙ୍ଗଳଆଳତି କରାଯିବ। ଭୋର ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିପାରିବେ। ରାତି ୧୦ଟାରେ ମହାସ୍ନାନ, ହରିହର ଭେଟ ଓ ବଡ଼ସିଂହାର ବେଶ କରାଯିବ। ଭୋର ୪ଟାରେ ମହାଦୀପ ଉଠିବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିସହ ଅମରେଶ୍ୱର ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ସ୍ୱରୂପ ଦାଶ କହିଛନ୍ତି।

କଟକ ଗଡ଼ଗଡିଆଠାରେ ଥିବା ଗଡ଼ଗଡେଶ୍ୱର ମନ୍ଦିରରେ ରାତି ୪ଟା ୨୦ ମିନିଟ୍‌ରେ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି କରାଯିବ। ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବେ। ହରିହର ଭେଟ ସହ ଅନ୍ୟାନ୍ୟ ନୀତି କରାଯାଇ ରାତି ୧ଟାରେ ମହାଦୀପ ଉଠିବ। ଏଥିସହ ଗଡ଼ଗଡ଼େଶ୍ୱର ମହାଦେବ ହେରିଡେଟାରି ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମନ୍ଦିର ପୂଜକ ବିଶ୍ୱରଞ୍ଜନ ପଣ୍ଡା କହିଛନ୍ତି।

ମହାଶିବରାତ୍ରି ଉପଲକ୍ଷେ କଟକ ଜିଲାର ପୁରାତନ ଶୈବପୀଠ ପରମହଂସନାଥ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ଜମିବା ସମ୍ଭାବନା ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭୋର ୩ଟାରୁ ମନ୍ଦିରର ଦ୍ୱାରା ଖୋଲାଯାଇ ଠାକୁରଙ୍କ ବିଭିନ୍ନ ନୀତି ସମ୍ପନ୍ନ ହେବ। ସକାଳ ୭ଟା ୧୫ରୁ ରାତି ୧୨ଟା ପର୍ଯ୍ୟନ୍ତ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିପାରିବେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି କରାଯାଇ ରାତି ୪ଟାରେ ମହାଦୀପ ଉତ୍ସର୍ଗ ହେବ ବୋଲି ମନ୍ଦିରର ମୁଖ୍ୟ ପୂଜକ ତ୍ରିଲୋଚନ ପଣ୍ଡା କହିଛନ୍ତି। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମନ୍ଦିର ଟ୍ରଷ୍ଟର ସଦସ୍ୟ ଦୈତାରି ବେହେରା ସୂଚନା ଦେଇଛନ୍ତି।

## ଧବଳେଶ୍ୱର ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଖୁଣ୍ଟୁଣୀ, ୭।୩(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ମହାଶିବରାତ୍ରି ପାଇଁ ଗୁରୁବାର ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ନୂତନ କଂକ୍ରିଟ ସେତୁରେ ବହୁସଂଖ୍ୟକ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାକୁ ଯିବେ ବୋଲି ପ୍ରଶାସନ ଆକଳନ କରିଛି। ଏଥିପାଇଁ ଗୁରୁବାର ସକାଳେ ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, କଟକ ଜିଲା ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ପରେଶ ମହାନ୍ତି, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ପୀଠରେ ଉପସ୍ଥିତ ରହି ଟିକିନିଖି ବ୍ୟବସ୍ଥାର ତଦାରଖ କରିଥିଲେ। ଉକ୍ତ ପୀଠରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ପରିସ୍ଥିତି ଅସମ୍ଭାଳ ହେଲେ ଅଧିକ ଫୋର୍ସ ମଗାଯିବ। ଏଥିସହ ପୀଠରେ ୨୬ ଜଣ ଏପିଆର୍ ଫୋର୍ସ, ୨୨ ଏଏସ୍‌ଆଇ, ୧୦ ଏସ୍‌ଆଇ, ୪ ଆଇଆଇସି, ୩ ଡିଏସ୍‌ପି, ୭୪ ଜଣ ଗୃହରକ୍ଷୀ, ୨୬ କନ୍‌ଷ୍ଟେବଲ୍, ୬ ଜଣ ହାବିଲଦାର ଉପସ୍ଥିତ ରହିବେ। ମାଜିଷ୍ଟ୍ରେଟ ଭାବେ ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ରହିବେ। ଆଠଗଡ଼ ଉପଜିଲାପାଳ ତରାଇ ପୀଠରେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିବେ ବୋଲି ଦେବୋତ୍ତର ସୁପରଭାଇଜର ପଣ୍ଡା କହିଛନ୍ତି। ଏଥିସହ ଉପଜିଲାପାଳ ଗୁରୁବାର ସନ୍ଧ୍ୟାରେ ପୀଠରେ ଉପସ୍ଥିତ ରହି ମନ୍ଦିର ଓ କଂକ୍ରିଟ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଭୋଗ ମଣ୍ଡପରେ ଭଜନ ପରିବେଷଣ ବ୍ୟବସ୍ଥା, ୨୪ ଘଣ୍ଟିଆ ବିଦ୍ୟୁତ୍ ଓ ଜଳ ଯୋଗାଣ, ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏଠାରେ ରାତି ସାଢେ ୧ଟାରେ ମହାଦୀପ ଉତ୍ସର୍ଗ କରାଯିବ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ଓ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୂତନ



@ କାଜଲ



@ ରାଜେଶ



@ ରଘୁବୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ପ୍ରତ୍ୟାହାର କରାଯାଉ

କଣ୍ଟାପଡା, ୭।୩(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲଙ୍କ ବଦଳି ଆଦେଶ ପ୍ରତ୍ୟାହାର ପାଇଁ ଏହି ବ୍ଲକ୍ ଅଞ୍ଚଳର ସମସ୍ତ ନିର୍ବାଚିତ ପ୍ରତିନିଧି ଗୁରୁବାର ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟି ନିବେଦନ କରିଛନ୍ତି। ଏହି ବ୍ଲକ ଅଞ୍ଚଳରେ ନିୟମିତ ଭାବରେ ବିଡିଓଙ୍କ ବଦଳି, ଆକାଉଣ୍ଟ ଅଫିସରଙ୍କ ଅଭାବ, ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ଅଫିସରଙ୍କ ସଂଖ୍ୟା ଆଶାତୀତ ଭାବେ କମ୍ ଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୫୪୭୦/୬।୩।୨୦୨୪ରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବଦଳି ଆଦେଶ ମିଳିଛି। ଅନ୍ୟ ଅଧିକାରୀଙ୍କ ଅଭାବ ସତ୍ତ୍ୱେ ନିର୍ବାହୀ ଯନ୍ତ୍ରୀ ଖୁବ୍ ସୁନ୍ଦର ଭାବରେ ବ୍ଲକ ପରିଚାଳନା କରୁଥିଲେ। ହଠାତ୍ ତାଙ୍କର ବଦଳି ନିର୍ଦ୍ଦେଶ ଶୁଣି ଲୋକ ପ୍ରତିନିଧି ଆଚମ୍ବିତ ହୋଇପଡିଥିଲେ। ସେମାନଙ୍କ ଦାବିପତ୍ରକୁ ଜିଲାପାଳ ବିନୀତ୍ ଭରଦ୍ୱାଜ ଗ୍ରହଣ କରିଥିଲେ। କଟକ ଜିଲା ପ୍ରକଳ୍ପ ଅଧିକାରୀଙ୍କ ସହିତ ଆଲୋଚନା କରି ବଦଳି ଆଦେଶ ପ୍ରତ୍ୟାହାର ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

### ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

କଟକ,୭।୩(ଶିଳ୍ପା ପ୍ରିୟଦର୍ଶିନୀ)

କେରଳର ଭେଟ୍‌ନାରୀ ଏବଂ ଆନିମଲ ସାଇନ୍ସ ବିଶ୍ୱବିଦ୍ୟାଳୟର ଛାତ୍ରଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଗଣତାନ୍ତ୍ରିକ ବାତାବରଣ ରକ୍ଷା କରିବା ସହ ଅନ୍ୟାନ୍ୟ ଦାବି ନେଇ ଏଆଇଡିଏସଓ ପକ୍ଷରୁ ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଗାମୀ ଦିନରେ କ୍ୟାମ୍ପସରେ ଗଣତାନ୍ତ୍ରିକ ବାତାବରଣ ରକ୍ଷା କରିବା ପାଇଁ ଛାତ୍ରସମାଜ ଓ ଜନସାଧାରଣ ଆଗେଇ ଆସିବା ପାଇଁ ସଙ୍ଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଙ୍ଗଠନର ଓଡ଼ିଶା ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, କଟକ ଜିଲା କମିଟି ସଭାପତି ଈଶା ଧର, ସମ୍ପାଦକ ତରୁଣସେନ ନାୟକ, ଉପସଭାପତି ଶିବାନୀ ସାହୁ, ଛାତ୍ରନେତା ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂ, ମୁସ୍କାନ ତବ୍‌ସୁମ, ସତ୍ୟବ୍ରତ ମୁଦୁଲିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।





ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ କଟକ ଜିଲା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର

- ଜଙ୍ଗଲରୁ ଫେରିବାବେଳେ ଟେକି ନେଲେ
- ୨ ଅଭିଯୁକ୍ତ କୋର୍ଟ ଚାଲାଣ

ତିଗିରିଆ,୭।୩(ଜାଫର ଖାଁ)

ତିଗିରିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗରେ ୨ ଜଣଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାଲିପୁଟ ଗ୍ରାମର ସାଗର ଜେନା ଓ ପ୍ରତାପ ଜେନା। ବୁଧବାର ରାତିରେ ଏନେଇ ପୀଡ଼ିତାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୫୯/୨୪) ରୁଜୁ କରିଛି। ଗୁରୁବାର ପୋଲିସ ପୀଡ଼ିତା ଓ ଅଭିଯୁକ୍ତ ଦ୍ୱୟଙ୍କ ଡାକ୍ତରୀମାଇନା କରାଇଛି।

ଅଭିଯୋଗ ଅନୁଯାୟୀ, ବୁଧବାର ମହିଳା ଜଣକ ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ସେଠାରୁ ଫେରିଲା ବେଳେ ଏକ ଗଛ ମୂଳେ ବିଶ୍ରାମ ନେଉଥିଲେ। ଏହି ସମୟରେ ସାଗର ଓ ପ୍ରତାପ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ତାଙ୍କୁ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ମହିଳାଙ୍କୁ ଖୋଜିବାକୁ ଯାଇ ବଳାତ୍କାର କରୁଥିବା ଅବସ୍ଥାରେ ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ। ସେମାନେ ଅଭିଯୁକ୍ତ ଦ୍ୱୟଙ୍କୁ ନିସ୍ତୁକ ମାଡ ମାରି ତିଗିରିଆ ପୋଲିସକୁ ଖବର ଦେଇଥିଲେ।

## ମୌଳିକ ସୁବିଧା ପ୍ରଦାନ ଉପରେ ଗୁରୁତ୍ୱ

**ସିଏମ୍‌ସିର ରମ୍‌ଜାନ ପ୍ରସ୍ତୁତି**

କଟକ,୭।୩ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପବିତ୍ର ରମ୍‌ଜାନ ମାସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସିଏମ୍‌ସି ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ୱାର୍ଡର କର୍ପୋରେଟର ଯୋଗଦେଇ ନିଜସ୍ୱ ମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସହରର ବିଭିନ୍ନ ମସ୍‌ଜିଦ୍ ପରିଚାଳନା କମିଟି ସଦସ୍ୟ, ମୁସ୍‌ଲିମ୍ ସମ୍ପ୍ରଦାୟର ମୁରବିମାନେ ମେୟରଙ୍କୁ ରମ୍‌ଜାନ୍ ମାସ ଉପଲକ୍ଷେ ମୁସ୍‌ଲିମ୍ ବହୁଳ ଅଞ୍ଚଳ, ସମସ୍ତ ମସ୍‌ଜିଦ୍‌ର ଆଖପାଖ ଅଞ୍ଚଳରେ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ୨୪ ଘଣ୍ଟା ପାନୀୟଜଳ ଯୋଗାଣ, ଆଲୋକ, ରାସ୍ତାଘାଟର ସ୍ୱଚ୍ଛତା, ନର୍ଦ୍ଦମା ସଫା ଆଦି ସମସ୍ୟାର ତୁରନ୍ତ ସମାଧାନ ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ। ସିଏମ୍‌ସି କମିଶନର ବିଜୟ କୁମାର ଦାସ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଏସିପି ସ୍ୱସ୍ତିକ ପଣ୍ଡା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ମୋନାଲିସା ଦାସ, ଏ. ଶ୍ରୀଦେବୀ, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଲକ୍ଷ୍ମୀଧର ପଣ୍ଡା, ପ୍ରଦୀପ ସାହୁ, ଝିଲି ବେହେରା, ଆରତୀ ସାହୁ, ଇତିଶ୍ରୀ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍କୁଲରେ ଶିକ୍ଷକଙ୍କୁ ତାଲା

- ଛାତ୍ରୀଙ୍କୁ ଅସଦାଚରଣ
- ଉତ୍ତେଜନା, ତଦନ୍ତ କଲେ ବିଇଓ

ନିଶ୍ଚିନ୍ତକୋଇଲି, ୭।୩ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟରେ ଶିକ୍ଷକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହା ପ୍ରଚାରିତ ହେବା ପରେ ଉକ୍ତ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଛି। କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ସମ୍ପୃକ୍ତ ଶିକ୍ଷକଙ୍କୁ ଏକ କୋଠରିରେ ତାଲା ପକାଇ ଦେଇଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଶିକ୍ଷକଙ୍କୁ ଉଦ୍ଧାରକରି ଥାନାରେ ଅଟକ ରଖିଛି। ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏସମ୍ପର୍କରେ ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି,ସ୍କୁଲରେ ଉତ୍ତେଜନା ପ୍ରକାଶପାଇବା ଖବର ଶୁଣି ସେଠାକୁ ଯାଇଥିଲୁ। ଏନେଇ କୌଣସି ବିଧିବଦ୍ଧ ଅଭିଯୋଗ ହୋଇନାହିଁ। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବିଜେଡି ନେତ୍ରୀ ସଂଯୁକ୍ତା

**ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ଶୋଷଣ ମାମଲା**

କଟକ,୭।୩ (କାର୍ତ୍ତିକ ସାହୁ)

ପୂର୍ବତନ ଶ୍ରମମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ନେତ୍ରୀ ସଂଯୁକ୍ତା ମହଲା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ୍‌ର ନିଷ୍କ୍ରିୟତା ବିରୋଧରେ ସେ ହାଇକୋର୍ଟଙ୍କୁ ଅବଗତ କରାଇଥିବା ଜଣାପଡିଛି।

ଶ୍ରୀକାନ୍ତ ଶାରୀରିକ ଓ ମାନସିକ ଭାବେ ସଂଯୁକ୍ତାଙ୍କୁ ନିର୍ଯାତନା ଦେଇଥିବା ନେଇ ସେ ଭୁବନେଶ୍ୱର ମହିଳା ଥାନାରେ ଗତ ଜୁଲାଇରେ ଅଭିଯୋଗ କରିଥିଲେ। ସଂଯୁକ୍ତାଙ୍କ ଏତଲା ପରେ ବି ମହିଳା ଥାନା ପୋଲିସ୍ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ଫଳରେ ସେ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ସଂଯୁକ୍ତାଙ୍କ ସହ ସମ୍ପର୍କ ରଖି ଶ୍ରୀକାନ୍ତ ସାହୁ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଧାୟକ ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ସ୍ତ୍ରୀର ମାନ୍ୟତା ଦାବି କରି ଶ୍ରୀକାନ୍ତଙ୍କ ଘରେ ଅନଧିକାର ପ୍ରବେଶ କରିବା ଘଟଣାରେ ପୋଲିସ୍ ତାଙ୍କୁ ଗିରଫ କରିଥିଲା। ତେବେ ପୂର୍ବରୁ ସେ ଶ୍ରୀକାନ୍ତଙ୍କ ବିରୋଧରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଜାଣିଶୁଣି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସେ ଏହି ମାମଲାରେ ଦର୍ଶାଇଛନ୍ତି। ବିଶେଷକରି ପୋଲିସ୍ ନିଷ୍କ୍ରିୟତା ଅବଲମ୍ବନ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରେ ରାଜ୍ୟ ସରକାର, ପୋଲିସ୍ କମିଶନର୍, ଭୁବନେଶ୍ୱର ଡିସିପି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମହିଳା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ‘ସ୍ୱାସ୍ଥ୍ୟସେବାର ମୂଳଦୁଆ ଆଶା, ଅଙ୍ଗନୱାଡ଼ି କର୍ମୀ’

**ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ**

କଟକ,୭।୩ (କାର୍ତ୍ତିକ ସାହୁ)





ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ସ୍ୱାସ୍ଥ୍ୟସେବା ନିମନ୍ତେ ତୃଣମୂଳ ସ୍ତରରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଗାଁ କଲ୍ୟାଣ ସମିତିଗୁଡ଼ିକର ଭୂମିକା ମହତ୍ତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟସେବାର ମୂଳଦୁଆ ଭାବେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବିବେଚନା କରାଯାଏ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା ମତବ୍ୟକ୍ତ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କଟକ ସାରଳା ଭବନରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡା. ବେଉରା ଉଦ୍‌ଘାଟନ କରି ଗ୍ରାମାଞ୍ଚଳର ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଠିକ୍ ସହଯୋଗ, ସହାନୁଭୂତି ଓ ଉଚିତ ପାରିଶ୍ରମିକ ମିଳିପାରିଲେ ସେମାନେ ଉତ୍ସାହିତ ହୋଇ ସମସ୍ତ କାର୍ଯ୍ୟ ସହଜରେ କରିପାରିବେ ବୋଲି କହିଥିଲେ। ଏଥିରେ ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟ ପ୍ରଶଂସନୀୟ। ଗୋଷ୍ଠୀ ପ୍ରକ୍ରିୟା ସହ ପରିଚାଳକ ନୃସିଂହ ଚରଣ ଭୂୟାଁ ଗାଁ କଲ୍ୟାଣ ସମିତିରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କର ବିଭିନ୍ନ ପ୍ରକାରର କାର୍ଯ୍ୟ ଓ ସେମାନଙ୍କୁ ଦିଆଯାଉଥିବା ସହାୟତା ରାଶି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୫ ଜଣ ଆଶାକର୍ମୀ, ୧୪ଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର, ୧୩ଟି ଉପକେନ୍ଦ୍ର ଏବଂ ୧୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ଅଶୋକ କୁମାର ଦାସ, ଡା. ବିଜୟ କୁମାର ମିଶ୍ର ପ୍ରମୁଖ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କର ଅବଦାନ ଉପରେ ଆଲୋଚନା କରିଥିଲେ। ସନ୍ତୋଷ କୁମାର ଶତପଥୀ ସଭା ପରିଚାଳନା ଓ ମନ୍ଦାକିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ରାତି ୪ଟା ୩୦ରେ ଉଠିବ ମହାଦୀପ

ପୁରୀ,୭।୩(ଅଜିତ୍ ମହାନ୍ତି)

ଫାଲ୍‌ଗୁନ ଚତୁର୍ଦ୍ଦଶୀ ଶୁକ୍ରବାର ମହାଶିବରାତ୍ରି ପାଳନ ସହ ସମସ୍ତ ଶ୍ରଦ୍ଧାଳୁ ବିଭିନ୍ନ ଶୈବପୀଠରେ ଉପବାସ ସହ ଉଜାଗର ରହି ଜାଗର ଜାଳିବେ। ଏହି ପରିପ୍ରେକ୍ଷୀରେ ପୁରୀର ପ୍ରମୁଖ ଶୈବପୀଠ ବାବା ଲୋକନାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପ୍ରଶାସନଠାରୁ ଆରମ୍ଭ କରି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମହାଶିବରାତ୍ରି ପାଇଁ ଶ୍ରୀଲୋକନାଥ ପୀଠ ସମେତ ସହରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ତେଣୁ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ସରିଛି। ଦ୍ୱାରଫିଟାଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତ ନୀତି କିପରି ସମୟ ଅନୁଯାୟୀ ସମ୍ପନ୍ନ ହେବ, ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଲୋକନାଥ ମନ୍ଦିର ବିଭିନ୍ନ ଫୁଲ ଏବଂ ଆଲୋକ ମାଳାରେ ସଜ୍ଜିତ ହେବା ସହିତ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୧୨ଟା ୩୦ରେ ଦ୍ୱାରଫିଟା ହେବ। ରାତି ୧ଟାରେ ମଙ୍ଗଳ ଆଳତି, ୧ଟା ୧୫ରେ ଅବକାଶ, ୧ଟା ୩୦ରେ ସୂର୍ଯ୍ୟପୂଜା, ୨ଟାରେ ଦ୍ୱାରପାଳ ପୂଜା, ୨ଟାରେ ଗୋପାଳ ବଲ୍ଲଭ, ଭୋର ୩ଟାରେ ସକାଳ ଧୂପ, ଭୋର ୩ଟା ୪୫ରେ ଦ୍ୱିପହର ଧୂପ କରାଯାଇ ଭୋର ୫ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଭକ୍ତମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାବା ଲୋକନାଥଙ୍କୁ ଦର୍ଶନ କରିବେ। ଅପରପକ୍ଷରେ ଶ୍ରୀମନ୍ଦିରରୁ ଶ୍ରୀଲୋକନାଥଙ୍କ ଶ୍ରୀବିଗ୍ରହ ବିଭିନ୍ନ ସ୍ଥାନ ପଂକ୍ତି ମଣୋହି ହୋଇ ରାତି ପ୍ରାୟ



୧୧ଟା ବେଳକୁ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚି ବେଢ଼ା ପରିକ୍ରମା କରିବେ। ପରେ ଅନ୍ୟାନ୍ୟ ନୀତି ହୋଇ ରାତ୍ର ମହାସ୍ନାନ ଓ ବେଶ ସମ୍ପନ୍ନ ହେବା ପରେ ୧ଟାରେ ଯାତ୍ରାଙ୍ଗୀ ଭୋଗ କରାଯିବ। ପରେ ଘଣ୍ଟ ଛତାଭୋଗ, ହରିହର ଭେଟ, ହରିହର ପୂଜା, ଚନ୍ଦନ ଲାଗି, ବଡ଼ଶୃଙ୍ଗାର ବେଶ ରାତ୍ର ୩ଟା ୪୫ରେ କରାଯିବ। ପରେ ଚତୁର୍ଦ୍ଦଶୀ ଭୋଗ ରାତି ୪ଟା ପରେ ବଡ଼ଶୃଙ୍ଗାର ଭୋଗ ପରେ ରାତି ୪ଟା ୩୦ରେ ମହାଦୀପ ଉଠିବ। ଭୋର ୫ଟାରେ ରାତ୍ରପହୁଡ଼ ଅନୁଷ୍ଠିତ ହେବା ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ସୁରକ୍ଷାକର୍ମୀ ନିୟୋଜିତ ହେବା ସହ ପାର୍କିଂ, ବ୍ୟାରିକେଡ୍, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ବିଦ୍ୟୁତ୍, ଅଗ୍ନି ନିର୍ବାପକ, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନାକେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୪ଜଣ ଇନ୍‌ସ୍ପେକ୍ଟର, ୬୨ଜଣ ଏଏସ୍‌ଆଇ, ଏସ୍‌ଆଇ, ୨୩ଜଣ ହାବିଲଦାର ଓ କନଷ୍ଟେବଲ, ୮୭ଜଣ ଟ୍ରାଫିକ କନଷ୍ଟେବଲ, ୧୦ ପ୍ଲାଟୁନ ପୋଲିସ ଏବଂ ୧୬୮ଜଣ ହୋମଗାର୍ଡ ନିୟୋଜିତ ରହିବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




ମହାଶିବରାତ୍ରି ଉପଲକ୍ଷେ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।




ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ବାଲୁକାକଳା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୩।୨୦୨୪

| | |
|---|---|
| ୩,୩୧,୭୪୨ ଟଙ୍କା | |
| ସୁନା | ୨.୧୦୦ ଗ୍ରାମ |
| ରୁପା | ୧୦.୬୦୦ ଗ୍ରାମ |

## ନୂତନ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ)ଙ୍କ ଯୋଗଦାନ

ପୁରୀ,୭।୩(ଅଜିତ୍ ମହାନ୍ତି)



ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ଭାବେ ନୀଳମାଧବ ଭୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଭୋଇ ପୂର୍ବରୁ କନ୍ଧମାଳ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ପୁରୀର ପ୍ରୋଟୋକଲ ଅତିରିକ୍ତ ଜିଲାପାଳ ଥିବା ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ଅନୁଗୁଳ ଜିଲାକୁ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଯାଇଛି।

## ମହାପ୍ରଭୁଙ୍କ ଦର୍ଶନ କଲେ ୫– ଟି ଅଧ୍ୟକ୍ଷ

ପୁରୀ,୭।୩(ଅଜିତ୍ ମହାନ୍ତି)

୫–ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗୁରୁବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପାଣ୍ଡିଆନ ଅପରାହ୍ନରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରି ଆଶିଷ ଲଭିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ।

## ଧବଳ ଛଉ, ଶ୍ୱାସ, ଅମ୍ଳପିତ୍ତ ଉପରେ ଅଧିକ ଗବେଷଣା ହେବ

ପୁରୀ,୭।୩( ଅଜିତ୍ ମହାନ୍ତି)

ଧବଳ ଛଉ, ଶ୍ୱାସ, ଅମ୍ଳପିତ୍ତ, ସନ୍ଧିବାତ, ମୁଖବ୍ରଣ, ଅର୍ଶ–ଭଗନ୍ଦର, ସ୍ତ୍ରୀ ରୋଗ ଓ ମୂତ୍ରାଶୟ ରୋଗ ଉପରେ ଚଳିତବର୍ଷ ଆୟୁର୍ବେଦ ମହାବିଦ୍ୟାଳୟର ୧୯ଜଣ ସ୍ନାତକୋତ୍ତର ପ୍ରଥମ ବର୍ଷ ଶିକ୍ଷାର୍ଥୀ ଅଧିକରୁ ଅଧିକ ଗବେଷଣା କରିବେ ବୋଲି ଗୁରୁବାର ଏଥିକିସ୍ କମିଟିରେ ଚୂଡ଼ାନ୍ତ ହୋଇଛି। କମିଟି ଅଧ୍ୟକ୍ଷ ଡାକ୍ତର ନାରାୟଣ ଚନ୍ଦ୍ର ଦାଶ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା କମିଟି ସମ୍ପାଦକ ପ୍ରଫେସର ଅରୁଣ ଦାଶଙ୍କ ପରିଚାଳନାରେ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଏଥିକିସ୍ କମିଟି ସଭ୍ୟ ଡାକ୍ତର ବିପିନାନନ୍ଦ ମିଶ୍ର, ବଦ୍ରି ମିଶ୍ର, ଜଗନ୍ନାଥ ବସ୍ତିଆ, ବାଳକୃଷ୍ଣ ମହାପାତ୍ରଙ୍କ ସମେତ ଡାକ୍ତର ରଞ୍ଜନ କାସ୍ତ, ଡାକ୍ତର ସଙ୍ଗୀତା ପୃଷ୍ଟି, ଡାକ୍ତର ସୋନାଲିକା ଜେନା, ଡାକ୍ତର ରାଜୀବ କିଶୋର ଜେନା, ଡାକ୍ତର ଭାରତୀଲତା ଆଚାର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟ ଅନେକ ପ୍ରଫେସର ଓ ଡାକ୍ତର ଉପସ୍ଥିତ ଥିଲେ।

## ୩୦୭୦ ଜଣଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

ପିପିଲି,୭।୩(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ପକ୍ଷରୁ ପିପିଲିରେ ୩୦୭୦ ହିତାଧିକାରୀଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଦାନ କରାଯାଇଛି। ବ୍ଲକ ପରିସରରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରିଥିଲେ। ଏଥିସହ ଯୋଜନାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବ୍ଲକରେ ୪୯୭୨ ଜଣ କାର୍ଡ ପାଇଁ ଆବେଦନ କରିଥିବାବେଳେ ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଅନ୍ୟ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି ବିଡିଓ ସରୋଜ ରାଉତ ସୂଚନା ଦେଇଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ, ଏମ୍‌ପିଙ୍କ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟା ଉପସ୍ଥିତ ଥିଲେ।

## ମହିଳାଙ୍କ ବିକାଶ ପଛରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୭।୩(ଭାରତୀ ଭୂଷଣ ଉପାଧ୍ୟାୟ)

**ଅନ୍ତର୍ଜାତୀୟ ମହିଳା ଦିବସ**

ରୋଷେଇ ଘରୁ ମହିଳା ବିଦେଶ ଗସ୍ତ କରିପାରିବା ପଛରେ ରାଜ୍ୟ ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୁରୁବାର ଗୋପ ବ୍ଲକ ମିଶନ ଶକ୍ତି ଗୃହରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଏହା କହିଛନ୍ତି। ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ମହିଳା ବିଭାଗ ଡିପିସି ଟିଙ୍କିନା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳାଙ୍କୁ ଅତିଥିମାନେ ମାନପତ୍ର ସହିତ ଶାଢ଼ି ଦେଇ ସମ୍ମାନିତ କରିଥିଲେ। ସଭାପତି ପୃଷ୍ଟି, ଅଧ୍ୟକ୍ଷା ମଲ୍ଲିକ୍, ବିଡିଓ ସାହୁ, ଅଡିଟର ରତ୍ନପୂର୍ଣ୍ଣା ପ୍ରଧାନ, ମହିଳା ଚାଷୀ ବିନୋଦିନୀ ସ୍ୱାଇଁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କବିତା, ନୃତ୍ୟ, ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉଦ୍ୟାନ କୃଷି ପକ୍ଷରୁ ତାଲିମ କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୭।୩(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଉଦ୍ୟାନ ବିଭାଗ ପକ୍ଷରୁ ମହିଳା ଗୋଷ୍ଠୀକୁ ନେଇ ଉଦ୍ୟାନ କୃଷି ସମ୍ବନ୍ଧୀୟ ଏକ କର୍ମଶାଳା ପୀର ଜାହାନିଆଁ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଜିଲା ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ଅଜୟ ପ୍ରଧାନ ଓ କେବିକେ, ସାକ୍ଷୀଗୋପାଳ ଫାର୍ମ ପରିଚାଳକ ରାଜେଶ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଛତୁଚାଷ, ପନିପରିବା ଚାଷ, ଫୁଲ ବଗିଚା ଓ ଫଳ ବଗିଚା ପ୍ରତିଷ୍ଠା, ସଙ୍କର ଜାତୀୟ ପନିପରିବା ଚାଷ, ମହୁମାଛି ଚାଷ, ଜୈବିକ ସାର ଉପରେ ତାଲିମ ଦିଆଯାଇଥିଲା। ଅସ୍ତରଙ୍ଗ ବ୍ଲକ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଯୁଗଳ କିଶୋର ବାର୍ଲା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ, ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉଦ୍ୟାନ କୃଷି ଉପରେ ଟିପ୍ପଣି ରଖିଥିଲେ।

## ସ୍ତ୍ରୀଙ୍କୁ ପିଟି ହତ୍ୟା ଅଭିଯୋଗ

ଅସ୍ତରଙ୍ଗ, ୭।୩(ପ୍ରଦୀପ୍ତ ଦୀକ୍ଷିତ)

ସ୍ତ୍ରୀଙ୍କୁ ବାଡ଼େଇ ବାଡ଼େଇ ମାରିଦେଇଥିବା ମୃତା ମହିଳାଙ୍କ ପରିବାର ଲୋକେ ଗୁରୁବାର ଅଭିଯୋଗ କରିଛନ୍ତି। ମୃତା ହେଲେ ଅସ୍ତରଙ୍ଗ ଥାନା ଅଧୀନ ଜିଓଳ ଗ୍ରାମର ରମେଶ କାଣ୍ଡିଙ୍କ ସ୍ତ୍ରୀ ପ୍ରତିମା କାଣ୍ଡି। ମୃତା ପ୍ରତିମାଙ୍କୁ ରମେଶ ଶ୍ମଶାନକୁ ନେବାବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ଘଟଣାରେ ପୋଲିସ ରମେଶ ଓ ତାଙ୍କ ବାପା ଈଶ୍ୱରଙ୍କୁ ଅଟକ ରଖିଛି। ରମେଶ କାଣ୍ଡି (୪୫) କିଛି ବର୍ଷ ତଳେ ପ୍ରତିମା କାଣ୍ଡିଙ୍କୁ ଭଲ ପାଇ ବିବାହ କରିଥିଲେ। ଅନେକ ସମୟରେ ରମେଶ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ମାଡ଼ ମଧ୍ୟ ମାରୁଥିଲେ। ଏଥିସହ ସ୍ୱାମୀଙ୍କ ଅନ୍ୟ ଝିଅ ସହ ଥିବା ସମ୍ପର୍କକୁ ସ୍ତ୍ରୀ ବିରୋଧ କରୁଥିଲେ। ବୁଧବାର ରମେଶ ମାଡ଼ ମାରୁଥିବା ନେଇ ପ୍ରତିମା ତାଙ୍କ ବାପ ଘରେ ଜଣାଇଥିଲେ। ଗୁରୁବାର ସକାଳେ ପ୍ରତିମାଙ୍କୁ ରମେଶ ବାଡ଼େଇ ମାରି ଦେଇଥିବା ଖବର ପାଇଥିଲେ।



ଗୋପ ଆଥ୍‌ଲେଟିକ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

## ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର

### ସତ୍ୟବାଦୀକୁ ଏନ୍‌ଏସି ଘୋଷଣା ଦାବି

ସାକ୍ଷୀଗୋପାଳ,୭।୩
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ରାଜ୍ୟ ସରକାର ସତ୍ୟବାଦୀକୁ ବିଜ୍ଞାପିତ ଅଞ୍ଚଳରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ସତ୍ୟବାଦୀ ସ୍ୱାଭିମାନ ମଞ୍ଚ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ପୁରୀ ଜିଲାପାଳ, ସତ୍ୟବାଦୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ଆବାହକ ସତ୍ୟବାଦୀ ଦାସ, ସଂଯୋଜକ ନୀହାର ରଞ୍ଜନ ସ୍ୱାଇଁ, ନବଘନ ଶତପଥୀ, ବିଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ସତ୍ୟବାଦୀର ଏହି ସମସ୍ୟାକୁ ମୁଖ୍ୟ ମୁଦ୍ଦା ଭାବେ ଉଠାଯିବା ସହିତ ଭୋଟ ବର୍ଜନ କରିବାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ମଞ୍ଚ ପହଞ୍ଚିବ ବୋଲି ମଞ୍ଚ ଆବାହକ ଦାସ ଓ ସଂଯୋଜକ ସ୍ୱାଇଁ ପ୍ରକାଶ କରିଛନ୍ତି।

## ସେମିରେ ଭଦ୍ରକ ୟୁନିକ୍ ଏକାଡେମୀ

ଗୋପ,୭।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଗୋପ ଆଥ୍‌ଲେଟିକ ଆସୋସିଏଶନ୍ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗୁରୁବାର କଟକ ନିମପୁର କ୍ରିକେଟ କ୍ଲବକୁ ହରାଇ ଭଦ୍ରକ ୟୁନିକ୍ କ୍ରିକେଟ୍ ଏକାଡେମୀ ସେମିଫାଇନାଲରେ ପହଞ୍ଚିଛି। ପ୍ରଥମେ ଟସ୍ ଜିତି କଟକ ନିମପୁର କ୍ଲବ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୮ ରନ୍ କରିଥିଲା। ଜବାବରେ ଭଦ୍ରକ ୟୁନିକ୍ ଏକାଡେମୀ ୫ ଉଇକେଟ ହରାଇ ୧୦୯ ରନ୍ କରି ବିଜୟୀ ହୋଇଥିଲା। ଖେଳକୁ ପ୍ରମୋଦ ସିହ୍ନା, ଦେବଦତ୍ତ ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସାମାଜିକ କର୍ମୀ ବଳରାମ ଲେଙ୍କା, ଭଦ୍ରକ ୟୁନିକ୍ ଏକାଡେମୀ ଖେଳାଳି ଅମିତ୍ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ଘୋଷଣା କରାଯାଇ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।




@ ନୂତନ



@ କାଜଲ



@ ରାଜେଶ



@ ରଘୁବୀର


## ୧୨ ମହିଳା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ମହିଳା ସଫେଇ କର୍ମଚାରୀ।

କୋଣାର୍କ,୭।୩(ଜ୍ୟୋତିରାଜ ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅଗ୍ରଣୀ ଆତିଥ୍ୟ ସେବା ପ୍ରଦାନକାରୀ କମାତ୍ ଗ୍ରୁପର ଲୋଟସ ରିସର୍ଟ ପକ୍ଷରୁ କୋଣାର୍କ ଏନ୍‌ଏସିରେ କାର୍ଯ୍ୟ କରୁଥିବା ମହିଳା ସଫେଇ କର୍ମଚାରୀଙ୍କୁ ଗୁରୁବାର ସମ୍ବର୍ଦ୍ଧନା ସହ ରାଜକୀୟ ଆପ୍ୟାୟିତ କରାଯାଇଛି। କମାତ୍ ଗ୍ରୁପ ଆଞ୍ଚଳିକ ମହାପ୍ରବନ୍ଧକ ଭାରତ ଭୂଷଣ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ରିସର୍ଟ ପରିଚାଳକ ସୁନୀଲ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ପ୍ରଥମେ ୧୨ ଜଣ ମହିଳା ସଫେଇ କର୍ମଚାରୀଙ୍କୁ ପରିବେଶ ଉପଯୋଗୀ ବଡ଼ ଛତା, କାଚ ପାଣି ବୋତଲ, କପଡ଼ା ବ୍ୟାଗ୍ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ସମସ୍ତ ମହିଳା ସଫେଇ କର୍ମଚାରୀଙ୍କୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା କାମାତ୍ ରେଷ୍ଟୁରାଣ୍ଟରେ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରାଯାଇ ରାଜକୀୟ ଆତିଥେୟତାରେ ଆପ୍ୟାୟିତ କରାଯାଇଥିଲା।

## ସୋମେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ନୂତନ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

କାକଟପୁର,୭।୩(ଶୁଭଦର୍ଶନ ମିଶ୍ର)

କାକଟପୁର ନିକଟ ଅଷ୍ଟଶମ୍ଭୁଙ୍କ ମଧ୍ୟରେ ଅନ୍ୟତମ ସୋମେଶ୍ୱର ଶମ୍ଭୁଙ୍କ ମନ୍ଦିର ପ୍ରାଙ୍ଗଣରେ ୨ୟ ନବନିର୍ମିତ ଅତ୍ୟାଧୁନିକ କଲ୍ୟାଣମଣ୍ଡପ କାକଟପୁର ବରିଷ୍ଠ ସେବାୟତଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସେବାୟତ ନିଯୋଗର ନିଜସ୍ୱ ପାଣ୍ଠି ଓ ସରକାରଙ୍କ ମିଳିତ ଆର୍ଥିକ ବିନିଯୋଗରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି କଲ୍ୟାଣ ମଣ୍ଡପଟି ନିର୍ମିତ ହୋଇଛି। ଏକ ସ୍ୱତନ୍ତ୍ର ବୈଠକରେ ସେବାୟତ ନିଯୋଗ ଆନୁକୂଲ୍ୟରେ ୫ ଜଣ ବରିଷ୍ଠ ସେବାୟତ ଫିତା କାଟି ନବନିର୍ମିତ ଗୃହକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ସେବାୟତ ନିଯୋଗର ପୂର୍ବତନ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ପୂର୍ବତନ ସଦସ୍ୟ ବାଲୁଙ୍କେଶ୍ୱର ପାଢ଼ୀ, ବରିଷ୍ଠ ରାଜନେତା ଯୋଗେନ୍ଦ୍ର ପାଢ଼ୀ, ବରିଷ୍ଠ ଶିକ୍ଷାବିତ୍ ରାମଚନ୍ଦ୍ର ଦୀକ୍ଷିତ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର ଦୀକ୍ଷିତ, ଉପସଭାପତି କମଳଲୋଚନ ଦୀକ୍ଷିତ, ବରିଷ୍ଠ ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ସେବାୟତ ନିଯୋଗର ସଦସ୍ୟ ଅଶୋକ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

## ‘ନିର୍ବାଚନରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ’

ପୁରୀ,୭।୩(ଅଜିତ୍ ମହାନ୍ତି)

ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାରି ଆଧାରରେ ନିର୍ବାଚନ ପରିଚାଳିତ ହୋଇଥାଏ। ତେଣୁ ଏହାକୁ ବାରମ୍ବାର ଅଧ୍ୟୟନ ସହ କୌଣସି ସମସ୍ୟା ପାଇଁ ବିନା ସଂକୋଚରେ ଉପରିସ୍ଥ ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ। କୌଣସି କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସତର୍କ କରାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କ ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ପରେ ନିର୍ବାଚନ ପାଇଁ ନିୟୋଜିତ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସର ନିଜ ନିଜ ପରିସରସ୍ଥ ବୁଥଗୁଡ଼ିକୁ ତନତନ କରି ଅନୁଧ୍ୟାନ କରିବା, ବୁଥରେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ସର୍ବନିମ୍ନ ସୁବିଧା ଯଥା ପାନୀୟ ଜଳ, ରାମ୍ପ, ବିଦ୍ୟୁତ୍ ବ୍ୟବସ୍ଥା, ଶୌଚାଳୟ ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ମତଦାନ ପ୍ରକ୍ରିୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ଦିଆଯାଇଥିଲା। ନିର୍ବାଚନକୁ ଶୃଙ୍ଖଳିତ ପରିଚାଳନା ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ଟିମ୍ ଗଠନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରୀୟ ରଞ୍ଜନ ପୃଷ୍ଟି,ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଉପଜିଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଇଭିଏମ ଓ ଭିଭିପାଟର ପ୍ରଶିକ୍ଷଣ ସେକ୍ଟର ଅଫିସରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଡିଓ, ତହସିଲଦାର ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସର ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

